ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.155 Bhubaneswar Thursday July 27 2023 | ୨୬ତମ ବର୍ଷ ସଂଖ୍ୟା-୧୫୫ ଭୁବନେଶ୍ୱର, ଗୁରୁବାର, ଜୁଲାଇ ୨୭, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ | ₹..50 | (Air Surcharge - 0.50P) | Member-INS

# ଏବିଡବ୍ଲୁଜେଏଆଇର ଜାତୀୟ କର୍ମଶାଳା : ରାଷ୍ଟ୍ର ନିର୍ମାଣରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ





ନୂଆଦିଲ୍ଲୀ,୨୬।୭: ରାଷ୍ଟ୍ର ନିର୍ମାଣରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ସାଂପ୍ରତିକ ପରିସ୍ଥିତିରେ ଜନତାଙ୍କ ସମସ୍ୟାର ନିରାକରଣ ପାଇଁ ସାମ୍ବାଦିକମାନେ ନିର୍ଭିକ ଭାବେ ସତ୍ୟକୁ ସାମନାକୁ ଆଣିବାକୁ ଦି ଆପେକ୍ସ ବଡି ଅଫ ୱର୍କିଂ ଜର୍ଣ୍ଣାଲିଷ୍ଟ ଆସୋସିଏସନ ଅଫ ଇଣ୍ଡିଆ (ଏବିଡବ୍ଲୁଜେଏଆଇ) ଦ୍ୱାରା ଆୟୋଜିତ ଜାତୀୟ କର୍ମଶାଳାରେ ଅତିଥିଗଣ ଆହ୍ୱାନ କରିଛନ୍ତି । ମଙ୍ଗଳବାର ଦିନ ସ୍ଥାନୀୟ ପ୍ରେସ କ୍ଲବ ଅଫ ଇଣ୍ଡିଆ ପରିସରରେ ଅନୁଷ୍ଠାନର ଅଧ୍ୟକ୍ଷ ତଥା ସାମ୍ବାଦିକ ସୁନିଲ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ 'ପର୍ଯ୍ୟବେକ୍ଷକ' ଓ 'ଦି କଳିଙ୍ଗ କ୍ରୋନିକିଲ'ର ମୁଖ୍ୟ ସଂପାଦକ ଡ଼ ପବିତ୍ର ମୋହନ ସାମନ୍ତରାୟ, ଉଦ୍‌ଘାଟକ ଭାବେ ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ବିଭୁତି ନାରାୟଣ ରାୟ, ମୁଖ୍ୟବକ୍ତା ଭାବେ ପ୍ରଫେସର ମାନସ ରଞ୍ଜନ ମହାପାତ୍ର, ସ୍ୱତନ୍ତ୍ର ଅତିଥି ଭାବେ ସୁପ୍ରିମକୋର୍ଟର ବରିଷ୍ଠ ଅଧିବକ୍ତା ଡକ୍ଟର ରମେଶ ଗୌତମ, ଭାରତୀୟ ଆଦିମଜାତି ସେବକ ସଂଘର ସଭାପତି ନୟନଚାନ୍ଦ ହେମ୍ବ୍ରମ, ଆଣ୍ଟି କରପସନ ଫ୍ରଣ୍ଟର ଅଧ୍ୟକ୍ଷ ଆଇନଜୀବୀ ଏନ ପି ନାଗର ପ୍ରମୁଖ ସାମିଲ ହୋଇ ସମାଜ ଗଠନରେ ସାମ୍ବାଦିକଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ । ଦିଲ୍ଲୀସ୍ଥିତ ବାଙ୍କେବିହାରୀ ମନ୍ଦିରର ପଣ୍ଡିତ ତରୁଣ ଶାସ୍ତ୍ରୀଙ୍କ ବେଦପାଠ ଦ୍ୱାରା ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

## ଆଇଆଇଟି, ଏନଆଇଟିରେ ଆତ୍ମହତ୍ୟା ଓ ଡ୍ରପଆଉଟ: ୫ବର୍ଷରେ ୭୫ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା



ଭୁବନେଶ୍ୱର,୨୬।୭(ପି.ଏନ): ଦେଶର ପ୍ରତିଷ୍ଠିତ ଶିକ୍ଷା ପ୍ରତିଷ୍ଠାନ ଭାବେ ପରିଚିତ ଆଇଆଇଟି, ଏନଆଇଟି, ଆଇଆଇଏମ୍, ଏମସ ଭଳି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗୁଡିକରେ ଛାତ୍ରଛାତ୍ରୀଙ୍କ ଡ୍ରପଆଉଟ ଓ ଆତ୍ମହତ୍ୟାର ଚିନ୍ତାଜନକ ସ୍ଥିତି ପଦାକୁ ଆସିଛି । ଗତ ୫ବର୍ଷ ମଧ୍ୟରେ ଏସବୁ କେନ୍ଦ୍ରୀୟ ଶିକ୍ଷା ପ୍ରତିଷ୍ଠାନରେ ମୋଟ ୭୫ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିବାବେଳେ ୧୮୦୫୮ଜଣ ଛାତ୍ରଛାତ୍ରୀ ବିଭିନ୍ନ କାରଣରୁ ଡ୍ରପଆଉଟ୍ କରିଛନ୍ତି । ଏସବୁ ଉଚ୍ଚ ଶିକ୍ଷାନୁଷ୍ଠାନରେ ପାଠ ପଢ଼ିବା ପାଇଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ସ୍ୱପ୍ନ ଦେଖିବା ସହ କଠିନ ପରିଶ୍ରମ କରୁଥିବାବେଳେ ଏଭଳି ଚିତ୍ର ସାଧାରଣରେ ଚିନ୍ତାର ବିଷୟ ପାଲଟିଛି ।ରାଜ୍ୟସଭାରେ ସାଂସଦ ସୁଶୀଲ କୁମାର ମୋଦିଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡଃ ସୁବାସ ସର୍କାର କହିଛନ୍ତି ଯେ, ଗତ ୫ବର୍ଷ ମଧ୍ୟରେ ଏସବୁ କେନ୍ଦ୍ରୀୟ ଶିକ୍ଷା ପ୍ରତିଷ୍ଠାନରେ ମୋଟ ୭୫ଜଣ ଛାତ୍ରଛାତ୍ରୀ ବିଭିନ୍ନ କାରଣରୁ ଆତ୍ମହତ୍ୟା କରିଛନ୍ତି । ୨୦୧୯ରେ ୧୮ଜଣ, ୨୦୨୦ରେ ୯ଜଣ, ୨୦୨୧ରେ ୧୧ଜଣ, ୨୦୨୨ରେ ୨୩ଜଣ ଓ ୨୦୨୩ରେ ଏପର୍ଯ୍ୟନ୍ତ ୧୪ଜଣ ଆତ୍ମହତ୍ୟା କରିଛନ୍ତି । ଏଥିରେ ଆଇଆଇଟିରେ ୫ବର୍ଷ ଭିତରେ ମୋଟ ୩୧ଜଣ, ଆଇଆଇଏମରେ ୩ଜଣ, ଏମସରେ ୧୩ଜଣ, ଏନଆଇଟିରେ ୨୨ଜଣ, ଆଇଆଇଆଇଟିରେ ଜଣେ ଓ ଆଇଜରରେ ୨ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି । ସେହିପରି ପ୍ରତିଷ୍ଠିତ ଆଇଆଇଟିରେ ଗତ ୫ବର୍ଷ ମଧ୍ୟରେ ମୋଟ ୮୧୩୯ଜଣ ଛାତ୍ରଛାତ୍ରୀ ଡ୍ରପଆଉଟ୍ କରିଥିବାବେଳେ ଆଇଆଇଏମରେ ୮୫୮ଜଣ, ଏନଆଇଟିରେ ୫୬୨୩ଜଣ ଡ୍ରପଆଉଟ କରିଥିଲେ ମଧ୍ୟ ଏମସରୁ ଜଣେବି ଛାତ୍ରଛାତ୍ରୀ ଡ୍ରପଆଉଟ୍ କରିନାହାନ୍ତି । ତେବେ ସମସ୍ତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଡ୍ରପଆଉଟକୁ ମିଶାଇଲେ ୨୦୧୯ରେ ୪୯୨୬, ୨୦୨୦ରେ ୫୪୧୦, ୨୦୨୧ରେ ୪୧୫୬, ୨୦୨୨ରେ ୨୯୬୨ ଓ ୨୦୨୩ରେ ଏପର୍ଯ୍ୟନ୍ତ ୬୦୪ଜଣ ଛାତ୍ରଛାତ୍ରୀ ଡ୍ରପଆଉଟ୍ କରିଛନ୍ତି ।

## ଜରି ପାଲ ତଳେ ଅଭିଭାଷଣ ରଖିଲେ ଖୋଦ୍ ଦେଶର ରାଷ୍ଟ୍ରପତି: କାର୍ଯ୍ୟକ୍ରମରେ ଅବ୍ୟବସ୍ଥା ନେଇ ଅସନ୍ତୋଷ

କଟକ,୨୬।୭(ପି.ଏନ): ପୁଣିଥରେ ମହାମହିମ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ଦେଖା ଦେଇଛି ଅବ୍ୟବସ୍ଥା । ଗତ ଥର ଭଳି ଚଳିତ ଥର ମଧ୍ୟ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ଆଜି ରାଷ୍ଟ୍ରପତି କଟକ ଗସ୍ତରେ ଥିବା ବେଳେ ସେଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବାର ସୂଚୀ ରହିଛି । ତେବେ ଏହାମଧ୍ୟରେ କଟକର ଇଣ୍ଡୋର ଷ୍ଟାଡିୟମରେ ପହଞ୍ଚିଛନ୍ତି ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ । କିନ୍ତୁ ଏଠାରେ ତାଙ୍କର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପାଇଁ ଉଚିତ ବ୍ୟବସ୍ଥା କରାଯାଇ ନଥିବାରୁ ବର୍ତ୍ତମାନ ଏହାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି ।ସୂଚନା ଅନୁସାରେ, ରାଷ୍ଟ୍ରପତିଙ୍କ କଟକ ଗସ୍ତ ସମୟରେ ସେ ଇଣ୍ଡୋର ଷ୍ଟାଡିୟମ ବୁଲି ଦେଖିଛନ୍ତି । ତେବେ ଷ୍ଟାଡିୟମରେ ସେ ଭାଷଣ ଦେବା ବେଳେ ଏକ ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି । ଇଣ୍ଡୋର ଷ୍ଟାଡିୟମର ଛାତ ନଷ୍ଟ ହୋଇ ଯାଇଥିବା ବେଳେ ଏହାକୁ ଏକ ଜରିପାଲ ଦ୍ୱାରା ଢାଙ୍କି ଦିଆଯାଇଛି । ତେବେ ଏହି ଜରିପାଲ ଘେରା ହୋଇଥିବା ଭଙ୍ଗା ଛାତ ତଳେ ମହାମହିମ ରାଷ୍ଟ୍ରପତି ନିଜ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ତେବେ ଅନେକ ଦିନରୁ ଏହି ଛାତ ନଷ୍ଟ ହୋଇଯାଇଥିବା ବେଳେ ଏପର୍ଯ୍ୟନ୍ତ ଏହାକୁ ସଜଡା ଯାଇ ପାରଲାନାହିଁ । ଏପରିକି ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ମଧ ଏହା ଦରଭଙ୍ଗା ଅବସ୍ଥାରେ ରହିଛି । ତେଣୁ ଏହାକୁ ଘୋଡାଇବା ପାଇଁ ଏକ ଜରି ପାଲ ଦ୍ୱାରା ଏହାକୁ ଢାଙ୍କି ଦିଆଯାଇଛି ।ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ପାଇଁ ଛାତ ଉପରେ କେବଳ ଏକ ଜରି ପାଲ ଘୋଡାଇ ଦେଇ କାମ ଚଳାଇ ନେଇଛନ୍ତି । ସେପଟେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ବାରମ୍ୱାର ଅବ୍ୟବସ୍ଥାକୁ ନେଇ ହାଇକୋର୍ଟ ଆଇନଜୀବୀ ରବିନ୍ଦ୍ର ନାଥ ନିଜର ଅସନ୍ତୋଷ ଜାହିର କରିବା ସହ କଡା ପ୍ରତିକ୍ରିୟା ଦେଇଛନ୍ତି । ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ଏଭଳି ଅବ୍ୟବସ୍ଥା ଦେଖି ଦୁଃଖ ଲାଗିଲା ବୋଲି କହିଛନ୍ତି ଆଇନଜୀବୀ । ସୂଚନା ଥାଉ କି, ଗତ ଫେବୃଆରୀରେ ରାଷ୍ଟ୍ରପତିଙ୍କ ଭାଷଣ ସମୟରେ ଲାଇଟ କଟି ଯାଇଥିଲା । ଯାହାକୁ ନେଇ ଖୁବ ଆଲୋଚନା ମଧ୍ୟ ହୋଇଥିଲା । ତେବେ ଏହାପରେ ଆଜି ପୁଣି ଏଭଳି ଏକ ଘଟଣାକୁ ନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି ।

### ଗୁଳି ଫୁଟି ପୋଲିସ ସବଇନ୍ସପେକ୍ଟର ଗୁରୁତର

ଜୟପୁର,୨୬।୭(ପି.ଏନ) : ଗୁଳି ଫୁଟି କୋରାପୁଟ ରେ ପୋଲିସ କର୍ମଚାରୀ ଗୁରୁତର । ଅସାବଧାନତା ବଶତଃ ଗୁଳି ଫୁଟିଛି ନା ଆତ୍ମ ହତ୍ୟା ଉଦ୍ୟମ କରିଛନ୍ତି ସ୍ପଷ୍ଟ ହୋଇନାହିଁ । ଗୁରୁତର ଆହତ ନରେନ୍ଦ୍ର ବିଶ୍ୱାଳଙ୍କୁ ତୁରନ୍ତ କୋରାପୁଟ ମେଡିକାଲରେ ଭର୍ତି କରାଯାଇଥିଲା ।ଏସପି ,ଡିଆଇଜି ଓ ଜିଲ୍ଲାର ପୋଲିସ ଅଧିକାରୀମାନେ ପାଖରେ ରହି ଚିକିତ୍ସା ବ୍ୟବସ୍ଥା କରିଥିଲେ । ପରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି । ପ୍ରଥମେ କୋରାପୁଟ ମେଡିକାଲରେ ଭର୍ତି କରାଯାଇଥିଲା । ପରେ ସ୍ୱତନ୍ତ୍ର ଆମ୍ବୁଲାନସ ଯୋଗେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି । ଗୁଳି ବାଜି ଡାହାଣ ପଟ ମୁହଁରେ ଗୁରୁତର ଆଘାତ ଲାଗିଥିବା ଜଣାପଡିଛି ।

### ଆହୁରି ଘନୀଭୂତ ହୋଇଛି ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର, ୫ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ

ଭୁବନେଶ୍ୱର,୨୬।୭(ପି.ଏନ) : ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଆହୁରି ଘନୀଭୂତ ହୋଇଛି । ଏହା ଆହୁରି ଘନୀଭୂତ ହୋଇ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଅବପାତର ରୂପ ନେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ସୂଚନା ଅନୁସାରେ, ଆସନ୍ତା ୨୪ଘଣ୍ଟା ମଧ୍ୟରେ ରାଜ୍ୟର ପଶ୍ଚିମ ଓଡିଶାର କେତେକ ଜିଲ୍ଲା ସହିତ ରାଜ୍ୟର ଅନ୍ୟ ଜିଲ୍ଲା ମାନଙ୍କରେ ବର୍ଷାର ପ୍ରଭାବ ରହିବ ବୋଲି ଅନୁମାନ କରାଯାଇଛି ।ଅତିପ୍ରବଳ ବର୍ଷା। ନେଇ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡା ଏବଂ କଳାହାଣ୍ଡି ଜିଲ୍ଲାକୁ ଅରେଞ୍ଜ ଓ ୭ଟି ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି । କେତେକ ସ୍ଥାନରେ ୭୦ରୁ ୨ଶହ ମିଲିମିଟର ବର୍ଷା ସମ୍ଭାବନା ରହିଛି ।

## ଯାତ୍ରୀବାହୀ ବସ୍ ଦେଉନାହାନ୍ତି ଟୋଲ୍, ଏନ୍ଏଚ୍ଏଆଇର ୪୦୦କୋଟି କ୍ଷତି; ଶୁଣୁନାହାନ୍ତି ରାଜ୍ୟ ସରକାର

ଭୁବନେଶ୍ୱର,୨୬।୭(ପି.ଏନ): ଯାତ୍ରୀବାହୀ ବସଗୁଡିକ ଟୋଲ୍ ଫି' ଦେଉନଥିବାରୁ ଜାତୀୟ ରାଜପଥ ପ୍ରାଧିକରଣ(ଏନଏଚ୍ଏଆଇ)ଙ୍କୁ ଓଡିଶାରେ ୪୦୦କୋଟି ଟଙ୍କାରୁ ଅଧିକ କ୍ଷତି ସହିବାକୁ ପଡୁଛି । ଓଡିଶାରେ ଏନଏଚ୍ଏଆଇ ଦ୍ୱାରା ଏବେ ପ୍ରାୟ ୩୯୫୪୦କୋଟି ଟଙ୍କାର ୩୧ଟି ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି । ଯଦି ରାଜସ୍ୱ ସଂଗ୍ରହ ନହେବ, ତା'ହେଲେ କିଭଳି ଅର୍ଥ ବିନିଯୋଗ ହେବ ବୋଲି କହି ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନାଙ୍କୁ ଏନଏଚ୍ଏଆଇ ଅଧ୍ୟକ୍ଷ ସନ୍ତୋଷ କୁମାର ଯାଦବ ଚିଠି ଲେଖି ଆପତ୍ତି ଜଣାଇଛନ୍ତି । ବାରମ୍ୱାର ବିଭିନ୍ନ ବୈଠକ ଓ ଚିଠି ଲେଖିଲେ ମଧ ଏହି ସମସ୍ୟାର ସମାଧାନ ହେଉନି ବୋଲି ଦର୍ଶାଇ ଶ୍ରୀ ଯାଦବ ଯଥାଶୀଘ୍ର ସମାଧାନ ପାଇଁ ଅନୁରୋଧ କରିଛନ୍ତି । ଅବଶ୍ୟ ଏନଏଚ୍ଏଆଇ କର୍ତ୍ତୃପକ୍ଷଙ୍କ ଚିଠି ପରେ ରାଜ୍ୟ ସରକାର ସମସ୍ତ ଷ୍ଟେକହୋଲଡରଙ୍କ ବୈଠକ ଡାକି ଏ ସମ୍ପର୍କରେ ବିଚାରବିମର୍ଶ କରିଥିବା ଜଣାପଡିଛି । ସୂଚନା ଅନୁସାରେ, ଏନଏଚ୍ଏଆଇ ଅଧ୍ୟକ୍ଷ ଶ୍ରୀ ଯାଦବ ଚଳିତମାସରେ ରାଜ୍ୟ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନାଙ୍କୁ ଚିଠି ଲେଖି ଓଡିଶାରେ ଜାତୀୟ ରାଜପଥରେ ଚଳପ୍ରଚଳ କରୁଥିବା ଯାତ୍ରୀବାହୀ ବସଗୁଡିକ ଟୋଲ୍ ଫି' ଦେଉନଥିବା ନେଇ ଉଦବେଗ ବ୍ୟକ୍ତ କରିବା ସହ ଏଥିପାଇଁ ପ୍ରାୟ ୪୦୦କୋଟି ଟଙ୍କାରୁ ଅଧିକ କ୍ଷତି ସହିବାକୁ ପଡୁଛି ବୋଲି କହିଛନ୍ତି ।

## ନନ୍ଦନକାନନକୁ ଆସିଲେ ନୂଆ ଅତିଥି : ଜନ୍ତୁ ହେଲେ ଅଦଳ ବଦଳ




ଭୁବନେଶ୍ୱର,୨୬।୭(ପି.ଏନ) : ଦୀର୍ଘ ୪୦ ବର୍ଷ ପରେ ନନ୍ଦନକାନନକୁ ଆସିଲା ନୂଆ ଅତିଥୀ । ପ୍ରାଣୀ ଉଦ୍ୟାନରେ ହେଲା ଜନ୍ତୁ ଅଦଳ ବଦଳ ପ୍ରକ୍ରିୟା । ଏଠାରୁ ଦୁଇଟି ମହାବଳ ବାଘ ଏବଂ ଘଡିଆଳ କୁମ୍ଭୀର ଯାଇଥିଲେ ଇଟାନଗର । ବଦଳରେ ନନ୍ଦନକାନନକୁ ଆସିଲେ ହୁଲୁକ ଗିବନ ମାଙ୍କଡ ଏବଂ ଚିତା ବିରାଡି ।ପ୍ରାଣୀ ଉଦ୍ୟାନରୁ ୬ଜଣିଆ ଟିମ ଅରୁଣାଚଳ ପ୍ରଦେଶ ଯାଇ ଜନ୍ତୁ ଅଦଳ ବଦଳ ପ୍ରକ୍ରିୟା ସମ୍ପାଦନ କରିଛନ୍ତି । ଏହି ପ୍ରକ୍ରିୟାରେ ଏଠାରୁ ନାଲି ମହାବଳ ଅଣ୍ଡିରା ବାଘ ରକି ଓ ମାଇ ମହାବଳ ବାଘୁଣୀ ସୋହାନୀ ସହିତ ତିନୋଟି ଘଡିଆଳ କୁମ୍ଭୀରକୁ ଦିଆଯାଇ, ସେଠାରୁ ହୋଲକ ଗିବନ ମାଙ୍କଡ ଓ ଚିତା ବିରାଡି ଆସିଛନ୍ତି । ଦୀର୍ଘଦିନର ଯାତ୍ରା ପରେ ଗିବନ ମାଙ୍କଡ ଓ ଚିତା ବିରାଡି ଥକି ଯାଇଥିବାରୁ ସେମାନଙ୍କୁ ଏକ ସ୍ୱେଶାଲ ଏନକ୍ଲୋଜର କ୍ୱାରେଣ୍ଟାଇନରେ ରଖାଯାଇଥିଲା ।ନନ୍ଦନକାନନକୁ ଆସିଥିବା ୨ଟି ଗିବନ ମାଙ୍କଡଙ୍କ ମଧ୍ୟରୁ ଅଣ୍ଡିରା ମାଙ୍କଡ ମୁନୁର ବୟସ ୧୦ ବର୍ଷ ୩ ମାସ ହୋଇଥିବା ବେଳେ ମାଈ ଗିବନ ମାଙ୍କଡ ରୋଜାର ବୟସ ୫ବର୍ଷ ୮ମାସ ଅଟେ । ଆସିଥିବା ଜନ୍ତୁଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ରଶ୍ମି ରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ନନ୍ଦନକାନନ କର୍ତ୍ତପକ୍ଷ ଓ ଅଭିଜ୍ଞ ଡାକ୍ତର ସନ୍ତୋଷ ଗୁପ୍ତାଙ୍କ ଉପସ୍ଥିତିରେ କରାଯାଇଛି ।

## ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶାର ସମାବର୍ତ୍ତନ ସମାରୋହରେ ଯୋଗଦେଲେ ରାଷ୍ଟ୍ରପତି



ଭୁବନେଶ୍ୱର, ୨୬।୭(ପି.ଏନ) : ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି (ଜୁଲାଇ ୨୬, ୨୦୨୩ରେ) କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ଯୋଗଦେଇ ଆଇନ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଛନ୍ତି ।ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, ଯୋଗ୍ୟ ଆଇନଜୀବୀମାନେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇଥିଲେ । ଏହା ଦର୍ଶାଉଛି ଯେ, ସେହି ପିଢ଼ିର ବହୁସଂଖ୍ୟକ ଆଇନଜୀବୀଙ୍କ ପାଖରେ ଦେଶ ପାଇଁ ବଳିଦାନର ଭାବନା ରହିଥିଲା । ମଧୁବାରିଷ୍ଟର ନାମରେ ଖ୍ୟାତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ମୃତିଚାରଣ କରି ରାଷ୍ଟ୍ରପତି କହିଥିଲେ ଯେ, ତାଙ୍କର ଜୟନ୍ତୀକୁ ଓଡ଼ିଶାରେ 'ଆଇନ ଦିବସ' ଭାବେ ପାଳନ କରାଯାଉଛି । ସେ କହିଥିଲେ ଯେ, ଓଡ଼ିଶାବାସୀଙ୍କ ପାଇଁ 'ମହାତ୍ମା ଗାନ୍ଧୀ' ଏବଂ 'ମଧୁ ବାରିଷ୍ଟର' ଭାରତୀୟ ସ୍ୱାଧୀନତା ସଂଗ୍ରାମର ଦୁଇଜଣ ସବୁଠୁ ସମ୍ମାନନୀୟ ବ୍ୟକ୍ତିତ୍ୱ । ସେମାନଙ୍କ ଭଳି ମହାନ ସ୍ୱାଧୀନତା ସଂଗ୍ରାମୀ ଓ ଆଇନଜୀବୀମାନେ ଏକ ପ୍ରଗତିଶୀଳ ଓ ପରସ୍ପର ସହ ଯୋଡ଼ି ହୋଇଥିବା ସମାଜ ଗଠନ ପାଇଁ ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱର ଆଦର୍ଶକୁ ବଜାୟ ରଖିଥିଲେ । ରାଷ୍ଟ୍ରପତି ଛାତ୍ରଛାତ୍ରୀଙ୍କୁ ସାମ୍ବିଧାନିକ ଆଦର୍ଶ ପାଳନରେ ଦୃଢ଼ ରହିବା ପାଇଁ ପରାମର୍ଶ ଦେଇଥିଲେ । ରାଷ୍ଟ୍ରର ପ୍ରାଥମିକତା ପ୍ରତି ସମ୍ବେଦନଶୀଳ ହେବା ଲାଗି ରାଷ୍ଟ୍ରପତି ସେମାନଙ୍କୁ କହିଥିଲେ। ରାଷ୍ଟ୍ରୀୟ ପ୍ରାଥମିକତାରେ ଯୋଗଦାନ ଦେବା ନିମନ୍ତେ ସଚେତନ ପ୍ରୟାସ କରିବା ପାଇଁ ରାଷ୍ଟ୍ରପତି ସେମାନଙ୍କୁ ଆହ୍ୱାନ କରି କହିଥିଲେ ।ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଓଡ଼ିଶାର ଆଦର୍ଶ ବାକ୍ୟ 'ସତ୍ୟେ ସ୍ଥିତୋ ଧର୍ମଃ' ବିଷୟରେ ଉଲ୍ଲେଖ କରି ରାଷ୍ଟ୍ରପତି କହିଥିଲେ ଯେ ଏହାର ଅର୍ଥ ହେଉଛି, ଧର୍ମ ଦୃଢ଼ତାର ସହିତ ସତ୍ୟରେ ନିହୀତ ରହିଛି । ପ୍ରାଚୀନ ଭାରତରେ ନ୍ୟାୟାଳୟକୁ ପରିଭାଷିତ କରିବା ଲାଗି ମୁଖ୍ୟତଃ ବ୍ୟବହାର କରାଯାଉଥିବା ଦୁଇଟି ଶବ୍ଦ ହେଲା - 'ଧର୍ମସଭା' ଏବଂ 'ଧର୍ମାଧିକରଣ'। ଆଜିର ଆଧୁନିକ ଭାରତରେ, ଆମର ଧର୍ମ ଭାରତର ସମ୍ବିଧାନରେ ରହିଛି, ଯାହାକି ଏ ଭୂଖଣ୍ଡର ସର୍ବୋଚ୍ଚ ଆଇନ । ସମ୍ପୂର୍ଣ୍ଣ ଆଇନ ଜଗତ, ବିଶେଷ କରି ଆଜି ଏଠାରୁ ଉତ୍ତୀର୍ଣ୍ଣ ହେଉଥିବା ଯୁବ ଛାତ୍ରଛାତ୍ରୀ ସମ୍ବିଧାନକୁ ସେମାନଙ୍କର ପବିତ୍ର ଗ୍ରନ୍ଥ ଭାବେ ମାନିବା ଉଚିତ୍ ? ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଥିଲେ ।ରାଷ୍ଟ୍ରପତି କହିଥିଲେ ଯେ, ସାଥୀ ନାଗରିକମାନଙ୍କୁ ସହାୟତା କରିବା ସ୍ଥିତିରେ ଥିବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଦେଶର ମହିଳାଙ୍କ ସମେତ ଆମ ଜନସଂଖ୍ୟାର ସବୁଠୁ ଦୁର୍ବଳ ବର୍ଗଙ୍କୁ ସମାନ ସୁଯୋଗ ଓ ସମ୍ମାନ ପ୍ରଦାନ କରିବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ୍ ? । ଆମ ଦେଶର ବହୁସଂଖ୍ୟକ ପଛୁଆ ଓ ବଞ୍ଚିତ ନାଗରିକମାନେ ନିଜର ଅଧିକାର ଓ ହକ୍ ? ବିଷୟରେ ଅନଭିଜ୍ଞ ଅଛନ୍ତି । ସେମାନଙ୍କ ପାଖରେ ସହାୟତା କିମ୍ବା ନ୍ୟାୟ ପାଇବା ଲାଗି ଆବଶ୍ୟକ ସମ୍ବଳର ଅଭାବ ମଧ୍ୟ ରହିଛି । ଏଭଳି ବଞ୍ଚିତ ଓ ପଛୁଆ ବର୍ଗଙ୍କ ସେବାରେ ନିଜର କିଛି ବୃତ୍ତିଗତ ସମୟ ବିନିଯୋଗ କରିବା ଲାଗି ଆଇନ ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ରପତି ଆହ୍ୱାନ କରିଥିଲେ। ପ୍ରକୃତ କରୁଣା ଭାବନା ନେଇ ଗରିବ ଓ ଦୁର୍ବଳ ଲୋକଙ୍କୁ ସହାୟତା କରିବା ଲାଗି ନିଜ ବୃତ୍ତିଗତ କାର୍ଯ୍ୟର ଅଳ୍ପ କିଛି ସମୟ ବିନିଯୋଗ କରିବା ପାଇଁ ଶ୍ରୀମତୀ ମୁର୍ମୁ ସେମାନଙ୍କୁ ନିବେଦନ କରିଥିଲେ। ସେଥିପାଇଁ ବାସ୍ତବରେ କୁହାଯାଇଛି ଯେ, ଆଇନ କେବଳ ଏକ ପେସା ନୁହେଁ, ଏହା ଏକ ଆହ୍ୱାନ, ରାଷ୍ଟ୍ରପତି ଶେଷରେ କହିଥିଲେ ।

## ଫେଲ ପ୍ରମାଣ ପତ୍ରରେ ୧୫ ବର୍ଷ ଚାକିରି, ଯାଂଚ ପ୍ରକ୍ରିୟାକୁ ନେଇ ପ୍ରଶ୍ନବାଚୀ

ଭଦ୍ରକ, ୨୬।୭(ପି.ଏନ) :ବର୍ଷେ କି ଦୁଇ ବର୍ଷ ନୁହେଁ ୧୫ ବର୍ଷର ଚକିରୀ ପୁଣି ଫେଲ୍ ପ୍ରମାଣ ପତ୍ରରେ । ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଶିକ୍ଷାବିଭାଗ ଅର୍ନ୍ତଗତ ବିଣାପଦା କ୍ଲଷ୍ଟର ଅଧିନ ନିରାକାର ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ,ବିଣାପଦା ଠାରେ ଏପରି ଘଟଣା ଘଟିଛି । କିଛି ଦିନ ତଳେ କେତେ ଶିକ୍ଷକ ଜାଲ ପ୍ରମାଣ ପତ୍ର ଦେଇ ଶିକ୍ଷକତା କରୁଛନ୍ତି ତାକୁ ନେଇ ରାଜ୍ୟ ସାରା ଚର୍ଚ୍ଚା ଜୋର ଧରିଥିଲା । ଏହି ପରିପ୍ରେକ୍ଷୀରେ ସରକାର ପ୍ରମାଣପତ୍ରର କଡ଼ାକଡ଼ି ଯାଂଚ ମଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଯାଂଚ ପ୍ରକ୍ରିୟା ସରିବାକୁ ଇତି ମଧ୍ୟରେ ବହୁଦିନ ବିତି ଯାଇଥିଲେ ସୁଦ୍ଧା ଭଦ୍ରକ ଜିଲ୍ଲାରେ କେତେ ଶିକ୍ଷକ ଜାଲ ପ୍ରମାଣପତ୍ର ଧାରୀ ତାହା ବିଭାଗର ନାଲି ଫିତା ତଳେ ବନ୍ଧା ହୋଇ ରହି ଯାଇଥିବା ଜଣାପଡ଼ିଛି । ସାମ୍ବାଦିକ ବିନୋଦ ଧଳ ସାମନ୍ତଙ୍କ ସୂଚନା ଅନୁଯାୟୀ ;ବାସୁଦେବପୁର ବ୍ଲକ ଶିକ୍ଷା ବିଭାଗ ଅର୍ନ୍ତଗତ ବିଣାପଦା କ୍ଲଷ୍ଟର ଅଧିନ ନିରାକାର ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ,ବିଣାପଦାରେ ଜନୈକ ସହକାରୀ ଶିକ୍ଷକ(ସୁଦର୍ଶନ ଦାସ) ଜାଲ୍ ପ୍ରମାଣ ପତ୍ର ଦେଇ ଶିକ୍ଷକତା କରୁଥିବା ସେ ଜାଣିବାକୁ ପାଇଥିଲେ । ଉକ୍ତ ଶିକ୍ଷକ ୨୦୦୮ ମସିହା ଫେବୃଆରୀ ମାସ ୨୮ ତାରିଖରେ ତାଙ୍କର ଶିକ୍ଷାଗତ ଯୋଗ୍ୟତା ବିଏ, ବିଇଡ଼ିର ପ୍ରମାଣ ପତ୍ର ଦେଇ ଶିକ୍ଷା ସହାୟକ ପଦବୀରେ ନିଯୁକ୍ତି ପାଇଥିଲେ । ତାଙ୍କ ଶିକ୍ଷାଗତ ଯୋଗ୍ୟତା ବିଏ,ବିଇଡ଼ି କିନ୍ତୁ ସେ ଦେଇଥିବା ବିଇଡ଼ି ପ୍ରମାଣ ପତ୍ରଟି ଭୁଲ ବୋଲି ଶ୍ରୀ ସାମନ୍ତ ଜାଣିବାକୁ ପାଇଥିଲେ । ସେ ୨୦୨୨ ମସିହା ଅଗଷ୍ଟ ମାସ ୨୬ ତାରିଖରେ ଏଥିନେଇ ଲିଖିତ ଅଭିଯୋଗ କରି ବାସୁଦେବପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଦୃଷ୍ଟିକୁ ଆଣିଥିଲେ । ପରେ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ ୪୧୧୦/ ୨୨.୦୯. ୨୦୨୨ରେ ତାଙ୍କ ପ୍ରମାଣ ପତ୍ର ଯାଂଚ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ,ବାଣୀବିହାର,ଭୁବନେଶ୍ୱରକୁ ପଠାଯାଇଥିଲା କିନ୍ତୁ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଯାଂଚ ପାଇଁ ପ୍ରମାଣପତ୍ର ପଠାଇ ଚୁପ ହୋଇ ବସିପଡ଼ିଥିଲା । ପରେ ସୂଚନା ଅଧିକାର କର୍ମୀ ବିକାଶ ଧଳ ସୂଚନା ଅଧିକାର ଆଇନ ବଳରେ ଯାଂଚ ପ୍ରକ୍ରିୟାର ବିଳମ୍ୱକୁ ନେଇ ବିଭାଗକୁ ସୂଚନା ମାଗିଥିଲେ । ଏବଂ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପୁନଶ୍ଚ ଚିଠି ନଂ ୨୫୮୧/ ୧୨.୦୭.୨୦୨୩ ରେ ତାଙ୍କ ପ୍ରମାଣ ପତ୍ର ଯାଂଚ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ,ବାଣୀବିହାର, ଭୁବନେଶ୍ୱରକୁ ପଠାଯାଇଥିଲା । ଉତ୍କଳ ବିଶ୍ୱବିଦ୍ୟାଳୟ କଣ୍ଟ୍ରୋଲର ଅଫ ଏକ୍ସାମିନରଙ୍କ ପକ୍ଷରୁ ଶ୍ରୀ ଦାସ ଚାକିରି ସମୟରେ ଦେଇଥିବା ବିଇଡ଼ି ପ୍ରମାଣପତ୍ର ଜାଲ ବୋଲି ଚିଠି ନଂ ୧୫୧୩୪/୨୧.୦୭. ୨୦୨୩ରେ ସୂଚନା ମିଳିବା ପରେ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଆଦେଶ ନଂ ୨୮୦୯/ ୨୧.୦୭.୨୦୨୩ରେ ଶ୍ରୀ ଦାସଙ୍କୁ ନିଜ କାର୍ଯ୍ୟରୁ ନିଲମ୍ବନ କରିବା ସହ ଜାଲ୍ ପ୍ରମାଣ ପତ୍ରରେ ଚାକିରି କରୁଥିବାରୁ ଥାନାରେ ତାଙ୍କ ବିରୁଦ୍ଧରେ ଚିଠି ନଂ ୨୮୧୩/୨୧.୭.୨୩ରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି । ଏଠାରେ ପ୍ରଶ୍ନ ଉଠେଯେ ଶିକ୍ଷା ବିଭାଗ ସବୁ ସମୟରେ ପ୍ରମାଣ ପତ୍ରର ଯାଂଚ କରୁଥିବା ବେଳେ କିପରୀ ଜଣେ ଶିକ୍ଷକ ୧୫ ବର୍ଷ ଧରି ଶିକ୍ଷକତା କରିଆସୁଛନ୍ତି । ତେଣୁ ବିଭାଗ ପକ୍ଷରୁ ଏଥିରେ କେଉଁମାନେ ସଂପୃକ୍ତ ତାହା ଖୋଜିବାହାର କରିବା ସହ ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନୀ ବ୍ଲେୟାର

ଭୁବନେଶ୍ୱର, ୨୬।୭(ପି.ଏନ) : ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର ଆଜି ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସାକ୍ଷାତ ଆଲୋଚନା କରିଛନ୍ତି । । ଏହି ଅବସରରେ ରାଜ୍ୟର ପ୍ରଗତି ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା ହୋଇଥିବା ନେଇ ମୁଖ୍ୟମନ୍ତ୍ରୀ କାର୍ଯାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ, ଗତ ଜୁଲାଇ ୨୧ ତାରିଖ ଦିନ ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ ଅଫ୍ ଗ୍ଲୋବାଲ ଚେଞ୍ଜ ସହ ରାଜ୍ୟ ସରକାର ଏମଓୟୁ ସ୍ୱାକ୍ଷର କରିଥିଲେ । ଏହି ବୁଝାମଣା ଅନୁସାରେ ଇନଷ୍ଟିଚ୍ୟୁଟ ଓଡିଶାର ବିସ୍ତୃତ ଆର୍ଥିକ ରଣନୀତି ବିକଶିତ କରିବା ପାଇଁ ନିଶୁଳ୍କ ନୀତିଗତ ସହାୟତା ପ୍ରଦାନ କରିବ। ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟର ମୁଖ୍ୟ କାର୍ଯ୍ୟାଳୟ ଲଣ୍ଡନରେ ଅବସ୍ଥିତ । ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାରଙ୍କ ଦ୍ୱାରା ସ୍ଥାପିତ ଏହି ଅନୁଷ୍ଠାନ ୪୫ରୁ ଅଧିକ ଦେଶରେ ସଫଳତାର ସହିତ କାର୍ଯ୍ୟ କରୁଛି । ଏହି ପ୍ରତିଷ୍ଠାନ ସଂପୃକ୍ତ ଦେଶଗୁଡ଼ିକର ନୀତି ତର୍ଜମା, ନୀତି ପ୍ରସ୍ତୁତି, ନୀତି ପରିଚାଳନା ଓ ଚୂଡ଼ାନ୍ତ ରୂପାୟନ କ୍ଷେତ୍ରରେ କାର୍ଯ୍ୟ କରିବା ସହିତ ବ୍ୟବସ୍ଥାର ଯଥାସମ୍ଭବ ଉନ୍ନତିକରଣରେ ସହାୟକ ହୋଇପାରିଛି ।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେଓ୍ୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର । ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

पर्यवेक्षक

Bhubaneswar Thursday July 27, 2023 | ଭୁବନେଶ୍ୱର ଗୁରୁବାର, ଜୁଲାଇ ୨୭,୨୦୨୩ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com



## ମଣିପୁର ଲୋକହର୍ଷଣକାରୀ ଅମାନବୀୟ ଗଣଧର୍ଷଣ ଘଟଣାକୁ ଓଡ଼ିଶା ମହିଳା କଂଗ୍ରେସର ପ୍ରତିବାଦ




ଭୁବନେଶ୍ୱର, (ପି.ଏନ) : ସାରା ଭାରତ ବର୍ଷରେ ବିଶ୍ୱରେ ମଣିପୁରର ଘଟଣାକୁ ନେଇ ବଡ଼ ଆଲୋଡ଼ନ ସୃଷ୍ଟି ହୋଇଛି। ଗତ ମଇ ୩ ତାରିଖ ଦିନ ମଣିପୁର ୩ ଜଣ କୁକୀ ସଂପ୍ରଦାୟ ଆଦିବାସୀ ମହିଳାଙ୍କୁ ମୈତେଇ ସଂପ୍ରଦାୟର ଲୋକମାନେ ପୁଲିସ ହେପାଜତରୁ ଛଡ଼ାଇ ନେଇ ତାଙ୍କୁ ସଂପୂର୍ଣ୍ଣ ଉଲଗ୍ନ କରି ହଜାର ହଜାର ଲୋକଙ୍କ ସମ୍ମୁଖରେ ଚଲାଇ ଚଲାଇ ନେଲେ ଏବଂ ତାଙ୍କ ପରିବାରବର୍ଗ ପ୍ରତିବାଦ କରିବାକୁ ତାଙ୍କୁ ଜୀବନ୍ତ ମାରିଦେବା ସହିତ ଏହି ୩ ଜଣଙ୍କୁ ମଧ୍ୟ ଗଣଦୁର୍ଷ୍କମ କଲାଗଲା। ଏହି ଘଟଣାକୁ ନେଇ ପୁଲିସ ଷ୍ଟେସନରେ କେସ୍ କଂପ୍ଲେନ୍ ରେଜିଷ୍ଟ୍ରେସନ କରଗଲା କିନ୍ତୁ ଅତ୍ୟନ୍ତ ଦୁଃଖ ଓ ବିଡ଼ମ୍ବନା କଥା ଏହି ଘଟଣାକୁ ଜୁନ୍ ୧୯ ତାରିଖ ପର୍ଯ୍ୟନ୍ତ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଜାଣିଶୁଣି ଚାପି ରଖିଥିଲେ। ପ୍ରଧାନମନ୍ତ୍ରୀ ଦୀର୍ଘ ୮୩ ଦିନ ପର୍ଯ୍ୟନ୍ତ ଏ ଘଟଣା ବାବଦରେ ପଦୁଟିଏ ବି ମୁହଁ ଖୋଲୁ ନାହାନ୍ତି ଏପରିକି ବି ୫ ଦିନ ସଂସଦ ଚାଲିଲେ ମଧ୍ୟ ଏବଂ ସମସ୍ତ ବିରୋଧି ଦଳଙ୍କ ଦାବି ସତ୍ୱେ ପ୍ରଧାନମନ୍ତ୍ରୀ ସଂସଦକୁ ଆସୁନାହାନ୍ତି କି ଉତର ରଖୁନାହାନ୍ତି। ଏ ଶତାବ୍ଦିର ସବୁଠାରୁ କଳଙ୍କିତ, ଅମାନବୀୟ ଓ ଲୋମହର୍ଷଣକାରୀ ଘଟଣାକୁ ପ୍ରତିବାଦ କରି ଆଜି ପ୍ରଦେଶ କଂଗ୍ରେସ ମହିଳା ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ ଶହ ଶହ ମହିଳା କଂଗ୍ରେସ କର୍ମୀ କେନ୍ଦ୍ର ସରକାର ଏବଂ ମଣିପୁର ସରକାର ବିରୋଧରେ ଖୁବ୍ ବର୍ଷିଥିଲେ। ମଣିପୁର ମୁଖ୍ୟମନ୍ତ୍ରୀଙ୍କୁ ତୁରନ୍ତ ବରଖାସ୍ତ କରାଯାଉ ଏବଂ ରାଜ୍ୟରେ ରାଷ୍ଟ୍ରପତି ଶାସନଜାରି ହେଉ ବୋଲି ଦାବି କରିଥିଲେ। କିଏ କାହିଁକି ଓ କେଉଁମାନେ ଏ ଘଟଣାକୁ ଚାପି ରଖିଥିଲେ। ଏ ସମସ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନରେନ୍ଦ୍ର ମୋଦୀ ସରକାର ବେଟି ପଢ଼ାଓ ଓ ବେଟୀ ବଚାଓ ନାରା ଦେଉଥିଲାବେଳେ ତାଙ୍କ ଦଳର ଅଧିକାଂଶ ମନ୍ତ୍ରୀ, ନେତା ଓ ମହିଳା ଦୁର୍ଷମରେ ଅଭିଯୁକ୍ତ। ଏପରିକି ଏ ଅଳ୍ପ କିଛିଦିନ ତଳେ ମହିଳା କୁସ୍ତି ଯୋଦ୍ଧାଙ୍କ ଘଟଣାରେ ସଂପୃକ୍ତ ସାଂସଦ ବ୍ରିଜଭୂଷଣଙ୍କୁ ମଧ୍ୟ ମୋଦୀ ସରକାର ସୁରକ୍ଷା ଦେଇଥିଲେ। ଆଜି ସାରା ଭାରତ ବର୍ଷରେ ମହିଳା ମୋଦୀ ସରକାର ସମୟରେ ସଂପୂର୍ଣ୍ଣ ଅସୁରକ୍ଷିତ। ରାଜ୍ୟରେ ବିଜୁ ଜନତା ଦଳ ସରକାର ଦିନରାତି ମହିଳା ସଶକ୍ତିକରଣ କହୁଥିଲାବେଳେ ମଣିପୁର ଘଟଣାରେ ସଂପୂର୍ଣ୍ଣ ଚୁପ୍ ବୋଲି ସଭାନେତ୍ରୀ ଶ୍ରୀମତୀ ପରିଡ଼ା ପ୍ରଶ୍ନ କରିଛନ୍ତି। ଗାଈକୁ ଗୋମାତା କହୁଥିଲାବେଳେ ପ୍ରକୃତ ମା ମାନଙ୍କୁ ଉଲଗ୍ନ କରି ରାଜରାସ୍ତାରେ ଚଲାଇବା ବିଜେପି ଏବଂ ଆରଏସ୍ଏସ୍ର ଧର୍ମ କି ବୋଲି ସେ ପ୍ରଶ୍ନ କରିଥିଲେ? ଏହି ଅବସରରେ ମହିଳା କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମୀତ ଶାହା, କେନ୍ଦ୍ର ମନ୍ତ୍ରୀ ସ୍ମୃତିଇରାନୀ ଓ ମଣିପୁର ମୁଖ୍ୟମନ୍ତ୍ରୀଙ୍କ କୁଶପୁତଳିକା ଦାହ କରାଯାଇଥିଲା। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ, ନିରନ ପଟ୍ଟନାୟକ, ଜୟଦେବ ଜେନା, ଅନନ୍ତ ପ୍ରସାଦ ସେଠୀ, ବିଶ୍ୱଜିତ୍ ଦାସ, ୟାସିର ନୱାଜ ସମେତ ପ୍ରତିମା ମଲ୍ଲିକ, ରଶ୍ମି ମହାପାତ୍ର, ମଧୁସ୍ମିତା ସେଠୀ, ଅର୍ଚ୍ଚନା ନନ୍ଦି, ମଧୁସ୍ମିତା ଆଚାର୍ଯ୍ୟ, ଅମିତା ବିଶ୍ୱାଳ, ରୁପାଦିପ୍ତା ମହାପାତ୍ର, ପୁଷ୍ପିତା ଦାସ, ରିତା ହେମ୍ବ୍ରମ, ଶ୍ରୀୟା ମହାନ୍ତି, ନିରୁପମା ପାତ୍ର, ନିରୁପମା ଦାସ, ଜୟଶ୍ରୀ ପାତ୍ର, ପ୍ରଭାବତି ପଟ୍ଟନାୟକ, ଗୀତାଳି ମହାନ୍ତି, ମମତା ମରୀ ଦେବୀ, ଚୈତାଳୀ ପଟ୍ଟନାୟକ, ଜାନକୀ ମଲ୍ଲିକ, ଆରତୀ ଦେଓ, ବିଶ୍ୱକଲ୍ୟାଣି କର, ସିଲି ସେଠୀ, ଶିଳ୍ପି ହରିଚନ୍ଦନ, ସୁତେପା ମିତ୍ର, ପ୍ରତିମା ଜେନା, ସବିତା ଚାନ୍ଦ, ସ୍ମିତାରାଣୀ ସାମଲ, ସମସିଦା ତାଏବ, କଳ୍ପନା ପଣ୍ଡା, ସରୋଜିନୀ ବାକ୍ରା, ବନଜା ପଣ୍ଡା ଓ ଉଲ୍ଲାସ ମଲ୍ଲିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ମୟୁରଭଂଜରେ ସାପ କାମୁଡାରେ ଶିଶୁ ମୃତ, ମା ଗୁରୁତର

ଭୁବନେଶ୍ୱର, ୨୫ ଜୁଲାଇ – ମୟୁରଭଂଜ ଜିଲ୍ଲାରେ ସାପ କାମୁଡାରେ ଘଟିଲା ବଡ ଅଘଟଣ ଘଟିଛି । ଶିଶୁ ପୁତ୍ରର ଜୀବନ ଚାଲି ଯାଇଥିବା ବେଳେ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଜୀବନ ମରଣ ସହ ମାଆ ଲଢୁଛି । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ଅନ୍ତର୍ଗତ କଟୁରିଆ ଗ୍ରାମରେ । କଟୁରିଆ ଗ୍ରାମର ମିନତୀ ମହାକୁଡ ନିଜର ଶିଶୁପୁତ୍ରକୁ ଧରି ଗତକାଲି ରାତିରେ ଘରେ ଶୋଇଥିଲେ । ହେଲେ ହଠାତ୍ ବିଳମ୍ବିତ ରାତିରେ ଏକ ବିଷାକ୍ତ ଚିତି ସାପ ଆସି ଉଭୟ ମା ଏବଂ ପୁଅକୁ କାମୁଡିଥିଲା । ମିନତୀଙ୍କ ସ୍ୱାମୀ ଏବଂ ପରିବାର ଲୋକେ ଏହା ଜାଣି ଆଜି ସକାଳ ସମୟରେ ଉଭୟ ମା ଏବଂ ପୁଅକୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତି କରିଥିଲେ ।

## ରକ୍ତ ଦାନ କରି ସହିଦଙ୍କୁ ଶ୍ରଦ୍ଧାଞ୍ଜଳୀ



ନୂଆପଡା,(ପି.ଏନ):ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସ୍ମରଣର ଦିନ ହେଉଛି କାରଗିଲ୍ ବିଜୟ ଦିବସ।୧୯୯୯ ମସିହା ମଇ ୩ତାରିଖରେ ଭାରତ ଓ ପାକିସ୍ଥାନ ସେନା ମଧ୍ୟରେ କାରଗିଲ୍ ଯୁଦ୍ଧ ଆରମ୍ଭ ହୋଇ ଜୁଲାଇ ୨୬ରେ ଅନ୍ତ ଘଟିଥିଲା।ଯୁଦ୍ଧରେ ଭାରତ ବିଜୟ ହେଇଥିଲା କିନ୍ତୁ ଦେଶମାତୃକାର ରକ୍ଷାପାଇଁ ଅନେକ ସେନା ସହିଦ ହେଇଥିଲେ।ସହିଦଙ୍କୁ ସଂଗ୍ରାମୀ ଶ୍ରଦ୍ଧାଞ୍ଜଳୀ ଦେବାପାଇଁ ଆଜି ଓଡିଶା ମୋ ପରିବାର ଓ ଜୀବନ ବିନ୍ଦୁ ଆନୁକୁଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ କାର୍ଯ୍ୟକ୍ରମ ହେଇଥିଲା। କାର୍ଯ୍ୟକ୍ରମରେ ୨୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।ସଂଗ୍ରାମୀ ଯୁବ ରକ୍ତଦାତାଙ୍କୁ ଉତ୍ସାହିତ କରିବାପାଇଁ ନୂଆପଡା ବିଧାୟକ ତଥା ଓଡିଶା ସରକାରଙ୍କ ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ଧୋଲକିଆ,ବିଜୁ ଜନତା ଦଳର ରାଜ୍ୟ ଯୁଗ୍ମ ସମ୍ପାଦକ ଭୈରବ ସାହୁ ଏବଂ କାର୍ଯ୍ୟକ୍ରମର ଆୟୋଜକ ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତୀ ହରିଶ୍ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ।

## ବିଜେପି ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାରଙ୍କୁ ସମ୍ବର୍ଦ୍ଧନା



ତାଳଚେର,(ପି.ଏନ): ବିଜେପି ରାଜ୍ୟ ସାଧାରଣ ସମ୍ପାଦିକା, ରାଜ୍ୟ ମୁଖପାତ୍ର ତଥା ଭାରତ ସରକାର ଙ୍କର ରାଷ୍ଟ୍ରାୟତ ଉଦ୍ୟୋଗ ବି ଏଚ ଇ ଏଲ ର ସ୍ୱାଧୀନ ଡାଇରେକ୍ଟର ଡା ଲେଖାଶ୍ରୀ ସାମନ୍ତ ସିଂହାର ଆଜି ବୁଧବାର ଏକ ସାମାଜିକ କାର୍ଯ୍ୟକ୍ରମ ରେ ବିଜେପି ନେତା ସ୍ୱର୍ଗତ ପୁଲିନ ବିହାରୀ ନାୟକ ଙ୍କର ପରିବାର କୁ ଆସିଥିଲା ବେଳେ ତାଳଚେର ଥର୍ମାଲ ଗେଷ୍ଟ ହାଉସ ଠାରେ ବିଜେପି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଛି ।ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଶ୍ରମିକ ନେତା ପ୍ରଦୀପ ସାମଲ, ଦେବବ୍ରତ ରଥ, ଲଲାଟେନ୍ଦୁ ବେହେରା, ତପନ ତ୍ରିପାଠୀ, ଶିବରାମ ପ୍ରଧାନ, ପ୍ରକାଶ ସାହୁ, ଶିଖର ସାମଲ, ଅଶୋକ ବେହେରା ଓ ଅନନ୍ତ ଚରଣ ନାହାକ ଙ୍କ ସମେତ ବହୁ କାର୍ଯ୍ୟକର୍ତା ଯୋଗ ଦେଇଥିଲେ।

## କଂଗ୍ରେସ ଆହ୍ୱାନରେ ରାଜ୍ୟର ସମସ୍ତ ଅଣ ବିଜେପି ଓ ବିଜେଡ଼ି ରାଜନୈତିକ ଦଳର ନେତୃବୃନ୍ଦ ମାନଙ୍କର ଦ୍ୱିତୀୟ ବୈଠକ



ଭୁବନେଶ୍ୱର ,(ପି.ଏନ): ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆଜି ଦ୍ୱିତୀୟଥର ପାଇଁ ରାଜ୍ୟର ସମସ୍ତ ଅଣବିଜେପି ଓ ବିଜେଡ଼ି ରାଜନୈତିକ ଦଳର ରାଜ୍ୟ ପଦାଧିକାରୀ ମାନଙ୍କର ଦ୍ୱିତୀୟ ବୈଠକ ଭୁବନେଶ୍ୱର ସ୍ଥିତ ଯଜାତି ହୋଟେଲର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ୧୭ଟି ରାଜନୈତିକ ଦଳର ବରିଷ୍ଠ ନେତୃବୃନ୍ଦ ପ୍ରତିନିଧି ଯୋଗଦାନ କରିଥିଲେ। ରାଜ୍ୟ କଂଗ୍ରେସ ପକ୍ଷରୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ସମେତ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଜୟଦେବ ଜେନା, ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ତଥା ସର୍ବଦଳୀୟ ବୈଠକର ଆବାହକ ଶ୍ରୀ ପ୍ରସାଦ ହରିଚନ୍ଦନ, ଅନନ୍ତ ପ୍ରସାଦ ସେଠୀ, ଜଙ୍ଖେଶ୍ୱର ବାବୁ, ଲଲାଟେନ୍ଦୁ ମହାପାତ୍ର ଓ ରଜନୀ ମହାନ୍ତି ଏହି ବୈଠକରେ ରାଜ୍ୟ କଂଗ୍ରେସ ଦଳ ତରଫରୁ ଯୋଗଦାନ କରିଥିଲେ ଏବଂ ସିପିଆଇ (ଏମ) ରୁ ଅଳିକିଶୋର ପଟ୍ଟନାୟକ, ଜନାର୍ଦ୍ଦନ ପତି, ସମୃଦ୍ଧ ଓଡ଼ିଶାରୁ ଯତୀଶ ମହାନ୍ତି, ସମାଜବାଦୀ ପାର୍ଟିରୁ ରବି ବେହେରା, ସଂଜୟ ନାୟକ, ଆର.ଜେ.ଡ଼ି ରୁ ହେମନ୍ତ କୁମାର, ସୌଦାମିନ୍ ମହାପାତ୍ର, ସି.ପି.ଆଇରୁ ଅଭୟ ସାହୁ, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡି, , ସି.ପି.ଆଇ. ଏମ୍.ଏଲ.ରୁ ଯୁଧିଷ୍ଠିର ମହାପାତ୍ର, ଅଶୋକ ପ୍ରଧାନ, ଏନ୍.ସି.ପି.ରୁ ବିକ୍ରମ ସ୍ୱାଇଁ, ଫରୱାଡ଼ ବ୍ଲକରୁ ଜ୍ୟୋତିରନ ମହାପାତ୍ର, ସମତାକ୍ରାନ୍ତିରୁ ପ୍ରଭାତ ସାମନ୍ତରାୟ, ସିପିଆଇ ରେଡ୍ ଷ୍ଟାର ରୁ ଶ୍ରୀମତୀ ପ୍ରମିଳା ବେହେରା, ଆରପିଆଇ ରୁ ଶେଖ୍ ଅବଦୁଲ୍ଲ ୱାଲ୍ଲି, ଟିଏମସି ରୁ ନନ୍ଦନ ପାଲ, ଆପ୍‌ରୁ ସଂଜୀବ ମହାନ୍ତି, ଜେଏମଏମ୍ ରୁ ଶିବାଜୀ ମୌଳିକ୍ ଇତ୍ୟାଦି ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କଂଗ୍ରେସ ସମେତ ସମସ୍ତ ୧୭ ଟି ବିରୋଧି ଦଳର ନେତୃବୃନ୍ଦ ମଣିପୁରରେ ମଇ ୩ ତାରିଖରେ ଘଟିଯାଇଥିବା ଲୋମ ହର୍ଷଣକାରୀ ବର୍ବରଚିତ ଓ ଅମାନବୀୟ ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ କେନ୍ଦ୍ରରେ ନରେନ୍ଦ୍ର ମୋଦୀ ସରକାର କଟୁ ସମାଲୋଚନା କରିଥିଲେ। ଯେଉଁଭଳି ଭାବରେ ୩ ଜଣ ମହିଳାଙ୍କୁ ଉଲଗ୍ନ କରି ତାଙ୍କୁ ହଜାର ହଜାର ଲୋକଙ୍କ ଗହଣରେ ଚଲାଇ ଚଲାଇ ରାସ୍ତାରେ ନିଆଗଲା ଏବଂ ତାଙ୍କ ଗଣଧର୍ଷଣ କରାଗଲା ଏହା ମାନବ ଜାତି ପ୍ରତି ଅତି କ୍ରୁର ଉପହାସ ବୋଲି ପ୍ରଦେଶ କଂଗ୍ରେସ ସଭାପତି ସମେତ ସମସ୍ତ ନେତୃବୃନ୍ଦ ତାଙ୍କ ବିବୃତିରେ ପ୍ରକାଶ କରିଛନ୍ତି। କେନ୍ଦ୍ରର ବିଜେପି ସରକାର ଏ ସମସ୍ତ ଘଟଣାକୁ ସଂପୂର୍ଣ୍ଣ ଚପାଇ ଦେବାକୁ ଉଦ୍ୟମ କରିଥିଲା। ଦୀର୍ଘ ୮୪ ଦିନ ପରେ ମଧ୍ୟ ପ୍ରଧାନମନ୍ତ୍ରୀ ଏଭଳି ଜଘନ୍ୟ ଘଟଣା ଉପରେ ତାଙ୍କର ତଥ୍ୟ ସଂସଦରେ ରଖୁନାହାନ୍ତି। ମଣିପୁରର ମୁଖ୍ୟମନ୍ତ୍ରୀ ଏ ଘଟଣାକୁ ଜାଣିଶୁଣି ଚାପିଦେଇଥିଲେ। କିନ୍ତୁ ଏଭଳି ବର୍ବରଚିତ କାଣ୍ଡ ସହିତ ୧୦୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ଏପର୍ଯ୍ୟନ୍ତ ମଣିପୁର ଘଟିଲା ପରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ବରଖାସ୍ତ କରାଯାଉନାହିଁ ଏବଂ ରାଷ୍ଟ୍ରପ୍ରତି ଶାସନ ଜାରୀ କାହିଁକି କରାଯାଉନାହିଁ ଏବଂ ରାଜ୍ୟର ବିଜେଡ଼ି ସରକାର ଏଭଳି ବର୍ବରଚିତ ଘଟଣାକୁ ନିନ୍ଦା ନ କରି ଚୁପ୍ କାହିଁକି ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ସାମ୍ବାଦିକମାନଙ୍କୁ ଉଦ୍‌ବୋଧନ ମିଳିତ ମଞ୍ଚ ତରଫରୁ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ନରେନ୍ଦ୍ର ମୋଦୀର ସରକାର ଭାରତ ବର୍ଷର ସମ୍ବିଧାନ, ସାମ୍ବିଧାନିକ ଅନୁଷ୍ଠାନ, ଗଣତନ୍ତ୍ର, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଅନୁଷ୍ଠାନ ଉପରେ ପ୍ରଚଣ୍ଡ ପ୍ରହାର କରିଚାଲିଛନ୍ତି। ଦୀର୍ଘ କିଛି ବର୍ଷର ଫାଶିବାଦର ମି ସାରା ଭାରତ ବର୍ଷରେ ବୁଣା ହୋଇଯାଇଛି। ଫଳସ୍ୱରୂପ ଆସନ୍ତା ଦିନମାନଙ୍କରେ ଭାରତ ବର୍ଷର ଗଣତନ୍ତ୍ରକୁ ଦୁର୍ବଳ କରିଦେବା ପାଇଁ ସମସ୍ତ ଚକ୍ରାନ୍ତ ବିଜେପି ଦଳ କରୁଛି। ଏହି ଚକ୍ରାନ୍ତକୁ ଯେମିତି ହେଲେ ପଣ୍ଡ କରିବାକୁ ପଡ଼ିବ। ଏଥିପାଇଁ ଆମ ସମସ୍ତଙ୍କୁ ଏକହୋଇ ଗଣତନ୍ତ୍ର ଓ ସମ୍ବିଧାନକୁ ବଞ୍ଚାଇବା ପାଇଁ ଲଢ଼େଇ କରିବାକୁ ହେବ। ରାଜ୍ୟରେ ଦିର୍ଘ ୨୫ ବର୍ଷ ଭିତରେ ନବୀନ ପଟ୍ଟନାୟକଙ୍କ ବିଜେଡ଼ି ସରକାର ରାଜ୍ୟକୁ ଗରୀବ ରାଜ୍ୟ ରୂପରେ ପରିଗଣିତ କରିଛନ୍ତି। ରାଜ୍ୟରେ ଯୁବକମାନଙ୍କ ଭବିଷ୍ୟତ ଅନ୍ଧକାର। ଲକ୍ଷ ଲକ୍ଷ ଯୁବକ ପେଟ ଚାଖଣ୍ଡକ ପାଇଁ ଦାଦନ ଖଟିବା ପାଇଁ ଯାଉଛନ୍ତି। ରାଜ୍ୟର ଶିକ୍ଷା ବ୍ୟବସ୍ଥା ପ୍ରାଥମିକ ଠାରୁ ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ ଠପ୍ ହୋଇଯାଇଛି। କୃଷକର ଅର୍ଥନୈତିକସ୍ଥିତି ଅତ୍ୟନ୍ତ ଦୟନୀୟ। ମହିଳାମାନଙ୍କ ପାଇଁ ଅତ୍ୟାଚାର ରାଜ୍ୟରେ ହୁହୁ ହୋଇ ବଢ଼ି ଚାଲିଛି। କିନ୍ତୁ ମୁଖ୍ୟମନ୍ତ୍ରୀ ୧ ନମ୍ବର? ମଣିପୁରର ପୈଶାଚିକ ଘଟଣାକୁ ୮୩ ଦିନ ହେଲା ପରେ ମଧ୍ୟ ରାଜ୍ୟରେ ବିଜେଡ଼ି ସରକାର ଚୁପ୍ କାହିଁକି? ତେଣୁ ଆସନ୍ତା ସାଧାରଣ ନିର୍ବାଚନରେ ରାଜ୍ୟରେ ନବୀନ ସରକାର ଓ କେନ୍ଦ୍ରରେ ନରେନ୍ଦ୍ର ମୋଦୀ ସରକାରଙ୍କୁ ପରିବର୍ତନ କରିବା ପାଇଁ ମିଳିତ ମଞ୍ଚ ସାରା ରାଜ୍ୟରେ ଜନଆନ୍ଦୋଳନ ସୃଷ୍ଟି କରିବା ସହିତ ସାଧାରଣ ଲୋକଙ୍କ ସମସ୍ୟାକୁ ନେଇ ଜୋରଦାର ଲଢ଼େଇ କରିବ ବୋଲି ପ୍ରକାଶ କରିଛନ୍ତି। ପ୍ରକାଶଥାଉକି, ଆସନ୍ତା ଅଗଷ୍ଟ ମାସ ୧୧ ତାରିଖ ଦିନ ଭୁବନେଶ୍ୱର ଏକ ହଜାରରୁ ଉର୍ଦ୍ଧ୍ୱ ସର୍ବଦଳର ନେତୃବୃନ୍ଦଙ୍କୁ ନେଇ ଏକ ସମ୍ମିଳନୀ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray